## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିଶ୍ୱକର୍ମା ପୂଜା ଶୁଭଖୁଣ୍ଟି ସ୍ଥାପନ

ବ୍ରହ୍ମପୁର,୧୨ା୯ (ସ୍ୱାଧୀନ ଶେଖର ପାଢ଼ୀ)
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରିକାଲ, ସିଭିଲ,ପିଏଚଡି ବିଭାଗ ମିଳିତ ଭାବେ ଆସନ୍ତା ୧୬ ତାରିଖରେ ବିଶ୍ୱକର୍ମା ପୂଜା କରିବେ। ୩ ବିଭାଗର କୋଠା ସମ୍ମୁଖରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। କର୍ତ୍ତା ଭାବେ ନରେନ୍ଦ୍ର କୁମାର ପାତ୍ର, ପୁରୋହିତ ଭାବେ ପଦ୍ମନାଭ ପାଢ଼ୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଯୁଗ୍ମ କୁଳସଚିବ ଡଃ ବାବୁଜୀ ସାମଲ, ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଡିଓ ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀ, ଏ.ସୂର୍ଯ୍ୟ ପ୍ରକାଶ, ଇଲେକ୍ଟ୍ରିକାଲ ଜେଇ ଉତ୍ପଳ ଆଚାର୍ଯ୍ୟ, ପିଏଚଡି ଓ ସିଭିଲ ଏଇ ସରୋଜିନୀ କର,ଏମ. ଭୀମରାଜୁ ରେଡ଼ି, ଜି. ଶଙ୍କର ରେଡ଼ି, କୁରେସ ଚୌଧୁରୀ, ମନୋଜ ଶତପଥୀ, ଏମ. ନନ୍ଦୀ କିଶୋର, ରମେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଧାରଣା ସ୍ଥଳକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ନିଷ୍ପତ୍ତି

ବ୍ରହ୍ମପୁର,୧୨ା୯(ସ୍ମୃତି ରଞ୍ଜନ ମହାଲିକ)
ଦକ୍ଷିଣ ଓଡ଼ିଶା ରେଳ ପଥର ବିକାଶ ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟିର ଗଣ ଧାରଣା ଗୁରୁବାର ୪ର୍ଥ ଦିନରେ ପହଂଚିଛି। ବ୍ରହ୍ମପୁର ରେଳ ଷ୍ଟେଶନକୁ ଏନଏସଜି-୨ର ମାନ୍ୟତା ନେଇ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। ତେବେ ଆସନ୍ତା ୧୫ ତାରିଖରେ ବ୍ରହ୍ମପୁର ରେଳ ଷ୍ଟେସନରେ ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଯୋଗଦାନ ନେଇ କମିଟି ଅଭିନନ୍ଦନ ଜଣାଇଛି। ଏଥିସହ ଧାରଣା ସ୍ଥଳକୁ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପାଇଁ ନିଷ୍ପତ୍ତି ହୋଇଛି। ଆନ୍ଦୋଳନରେ ବହୁ ଗଣ ସଂଗଠନ ଓ କମିଟିର ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ, ସ୍ଥାୟୀ ବିକାଶ ଲକ୍ଷ୍ୟ ସଭାପତି ରବିନ୍ଦ୍ର କୁମାର ମିଶ୍ର, ପରିବେଶ ବିତ ସୁବାସ ମହାରଣା, ଜିଲା ବିକାଶ ମଂଚର ଡ ଶିବ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।

## ଅଲ୍ ଓଡ଼ିଶା ସିନିୟର ଷ୍ଟେଟ ର୍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର,୧୨ା୯(ସ୍ୱାଧୀନ ଶେଖର ପାଢ଼ୀ)
ଗୋପାଳପୁର ବିଜୁ ପଟ୍ଟନାୟକ ବହୁମୁଖି ଇନଡୋର ଷ୍ଟାଡିୟମରେ ୟନିକ୍ସ ସନରାଇଜ ଅଲ ଓଡିଶା ସିନିୟର ଷ୍ଟେଟ ର୍ୟାଙ୍କିଙ୍ଗ ବ୍ୟାଡମିଟନ ଟୁର୍ନାମେଣ୍ଟ ଗୁରୁବାର ଉଦଘାଟିତ ହୋଇଯାଇଛି । ଓଡିଶା ବ୍ୟାଡମିଣ୍ଟନ ଆସୋସିଏନ ପକ୍ଷରୁ ଆୟୋଜିତ ଏବଂ ଗଞ୍ଜାମ ଜିଲା ଶାଖା ପକ୍ଷରୁ ପରିଚାଳିତ ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା କ୍ରୀଡା ସଂଘର ଜିଲା ସଂପାଦକ ଜେ.କାମେଶ୍ୱର ରାଓ ଉଦଘାଟନ କରିଥିଲେ। ସମୀର କୁମାର ଆଚାର୍ଯ୍ୟ,ବ୍ୟାଡମିଣ୍ଟନ ଆସୋସିଏନ ଜୋନାଲ ସମ୍ପାଦକ ଦୀପକ ରଞ୍ଜନ ମହାନ୍ତି , ମାଲକାନଗିରି ଜିଲା ସଙ୍ଘର ସମ୍ପାଦକ ପିତାପଲ ସିଂ, ମୁଖ୍ୟ ରେଫରି ମନୋଜ କୁମାର ସାବତ ଅତିଥି ଥିଲେ। ଟୁର୍ନାମେଣ୍ଟରେ ୧୮ ଜିଲାରୁ ଉଭୟ ସିନିୟର ବାଳିକା ଓ ବାଳକ ବିଭାଗର ୧୦୭ କ୍ରୀଡାବିତ ଭାଗ ନେଇଥିବା ବେଳେ କୋଚ ଏବଂ ରେଫରି ସମେତ ସାରା ରାଜ୍ୟରୁ ୧୧୫ ଜଣ ଅଂଶଗ୍ରହଣ କରିଛନ୍ତି । ୫ଟି କ୍ୟାଟେଗୋରୀରେ ଏହି ପ୍ରତିଯୋଗିତା ହୋଇ ୧୫ ତାରିଖରେ ସରିବ । ସବୁ ବର୍ଷ ଅଲ ଓଡିଶା ବ୍ୟାଡମିଣ୍ଟନ ଆସୋସିସନ ପକ୍ଷରୁ ଏହାକୁ ତିନି ଥର ଆୟୋଜିତ ହେଉଛି। ଏଥିରୁ ଚ କ୍ରୀଡାବିତ ଚୟନ ହୋଇ ଜୋନାଲ ଏବଂ ଜାତୀୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ପାଇଁ ଚୟନ ହୋଇଥାନ୍ତି ।

# ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ହେବ ଏଡିଟିଂ ଲ୍ୟାବ

### ଡିଭିପିଏଲ-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ


ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଓ ଅନ୍ୟମାନେ।

ବ୍ରହ୍ମପୁର,୧୨ା୯(ସ୍ୱାଧୀନ ଶେଖର ପାଢ଼ୀ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ଉନ୍ନତ ଜ୍ଞାନକୌଶଳ ସମ୍ପନ୍ନ ଏଡିଟିଂ ଲ୍ୟାବ ସ୍ଥାପନ ହେବ। ଏହା ରାଜ୍ୟରେ ପ୍ରଥମ। ଏଥିପାଇଁ ଗୁରୁବାର ଡିଜିକମ ଭିଜୁଆଲ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ (ଡିଭିପିଏଲ) ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଫଳରେ ଆଗାମୀ ଦିନରେ ବିଦ୍ୟାର୍ଥୀମାନେ ପ୍ରିଣ୍ଟ, ଭିଜୁଆଲ ଏବଂ ସାଉଣ୍ଡ ଏଡିଟିଂ ସମ୍ପର୍କରେ ଉନ୍ନତ ଜ୍ଞାନ ହାସଲ କରିପାରିବେ। ଷ୍ଟେଟ ଅଫ ଆର୍ଟ ଏଡିଟିଂ ଲ୍ୟାବ ସ୍ଥାପନ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ଡ. ଜୟନ୍ତ କୁମାର ପଣ୍ଡା ଗତ ଅକ୍ଟୋବର ମାସରେ କୁଳସଚିବଙ୍କ ଜରିଆରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ ପ୍ରସ୍ତାବ ଦେଇଥିଲେ। ଗତ ମାର୍ଚ୍ଚରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଥି ସହିତ ଲାବ ସ୍ଥାପନ ପାଇଁ ବିଶ୍ୱବିଦ୍ୟାଳୟକୁ ୧ କୋଟି ଦଶ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୬ ଲକ୍ଷ ୩୦ ହଜାର ଟଙ୍କା ଦିଆଯାଇଛି। ଗତ ଜୁନ ୩୦ ତାରିଖ ସୁଦ୍ଧା ପ୍ରକଳ୍ପ ଶେଷ କରିବାକୁ କୁହାଯାଇଥିଲା। ସାଧାରଣ ନିର୍ବାଚନ ଯୋଗୁ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହୋଇଥିଲା। ଆସନ୍ତା ୧୨ ସପ୍ତାହ ମଧ୍ୟରେ ଡିଭିପିଏଲ ପକ୍ଷରୁ ଏହି କାମକୁ ସାରିବା ସହ ଏଡିଟିଂ ଲ୍ୟାବକୁ କାର୍ଯ୍ୟକ୍ଷମ କରିବାକୁ ଚୁକ୍ତି କରାଯାଇଛି। ଚଳିତବର୍ଷ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗକୁ ୫୦ ବର୍ଷ ପୂରଣ ହେଉଥିବା ବେଳେ ଏଠାରେ ଅଧ୍ୟୟନରତ ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ପକ୍ଷରୁ ଦୀର୍ଘ ଦିନ ଧରି ଏକ ଉନ୍ନତମାନର ଷ୍ଟୁଡିଓ ସହ ଏଡିଟିଂ ଲାବ ସ୍ଥାପନ ଦାବି ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ଏଡିଟିଂ ଲାବ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ଯୋଜନା କରାଯାଇଛି। ଆଗାମୀ ଦିନରେ ଷ୍ଟୁଡିଓ ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯିବ ବୋଲି କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ କହିଛନ୍ତି।

ଏଡିଟିଂ ଲାବରେ ଉଚ୍ଚକ୍ଷମତା ସମ୍ପନ୍ନ ୨୫ଟି ଏଡିଟିଂ ଡେସ୍କ ସହ ଭୟସ ଓଭର ଓ ଏକ ମାଷ୍ଟର ଏଡିଟ ସୁଟ ନିର୍ମାଣ କରାଯିବ। ଉଭୟ ଅନଲାଇନ ଓ ଅଫଲାଇନ ଏଡିଟିଂ ପାଇଁ ଏଥିରେ ବ୍ୟବସ୍ଥା ରହିବ। ଛାତ୍ରୀଛାତ୍ର ଏଡିଟିଂ ସହ ବିଭିନ୍ନ ସଫ୍ଟୱେୟାର ସଞ୍ଚାଳନର ସୁବିଧା ମଧ୍ୟ ପାଇପାରିବେ। ଏଡିଟିଂ ଲାବ ନିର୍ମାଣ ସରିବା ପରେ ସମ୍ପୃକ୍ତ ବିଭାଗର ବିଦ୍ୟାର୍ଥୀମାନେ ବିଶେଷ ଉପକୃତ ହୋଇ ପାରିବେ ବୋଲି କୁଳପତି କହିଛନ୍ତି। ଡିଭିପିଏଲ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବା ସହିତ ଲ୍ୟାବ ସଞ୍ଚାଳନ ପାଇଁ ମଧ୍ୟ ପ୍ରଶିକ୍ଷଣ ଦେବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ସଚ୍ଚିଦାନନ୍ଦ ନାୟକ ଓ ଡିଭିପିଏଲ ପକ୍ଷରୁ ଏହାର ନିର୍ଦ୍ଦେଶକ ଭବାନୀ ଶଙ୍କର ମହାପାତ୍ର ଚୁକ୍ତିନାମା ସ୍ୱାକ୍ଷର କରିଥିବା ବେଳେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ବିଭାଗୀୟ ମୁଖ୍ୟ ଡ. ବନ୍ଦିତା କୁମାରୀ ପଣ୍ଡା, ଆସୋସିଏଟ ପ୍ରଫେସର ଡ. ଜୟନ୍ତ କୁମାର ପଣ୍ଡାଙ୍କ ସହ ଡିଭିପିଏଲ ପକ୍ଷରୁ ମ୍ୟାନେଜର ବିଶ୍ୱନାଥ ମହାକୁଳ ଓ ଜ୍ୟୋତିରଞ୍ଜନ ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱଚ୍ଛତା ହିଁ ସେବା ସମ୍ପର୍କିତ ବୈଠକ

ବ୍ରହ୍ମପୁର,୧୨ା୯(ସ୍ମୃତି ରଞ୍ଜନ ମହାଲିକ)
ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ସାନିଟେସନ ବିଭାଗ ପକ୍ଷରୁ ବୁଧବାର ସ୍ୱଚ୍ଛତା ହିଁ ସେବା ସଂପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭର୍ଚୁଆଲ ମାଧ୍ୟମରେ ନଗର ଉନ୍ନୟନ ସଚିବ ଉଷା ପାଢ଼ି, ସ୍ୱଚ୍ଛ ଭାରତ ଅଭିଯାନ ମିଶନର ସଚିବ ବିନୟ ଦାଶ ଯୋଗ ଦେଇଥିଲେ। ଆସନ୍ତା ୧୭ ତାରିଖରୁ ସ୍ୱଚ୍ଛତା ହିଁ ସେବା ଉଦଘାଟିତ ହେବ। ଏହି ଯୋଜନା ମାଧ୍ୟମରେ ଆସନ୍ତା ମାସ ୨ ତାରିଖ ଯାଏଁ ବିଭିନ୍ନ ସଚେତନତା ଓ ସ୍ୱଚ୍ଛତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହ ଲୋକ ନୃତ୍ୟ ସହ ସ୍ୱଚ୍ଛତା କ୍ଷେତ୍ରରେ ଭଲ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯିବ। ତେବେ ବିଇଏମସି ସାନିଟେସନ ବିଭାଗକୁ ସହର ମଧ୍ୟରେ ୫ ବ୍ଲାକ ସ୍ପଟ ତଥା ଦୀର୍ଘ ଦିନ ଆବର୍ଜନା ସଫେଇ ହୋଇପାରୁ ନ ଥିବା ଅଂଚଳକୁ ଚିହ୍ନଟ ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବ୍ଲାକ ସ୍ପଟ ଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନତା ସହ ସୌନ୍ଦର୍ଯ୍ୟକରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ସମସ୍ତ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଇଏମସିକୁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିସହ ୧୭ ତାରିଖ ରିକଭରି ରିସାଇକେଲିଂ କେନ୍ଦ୍ର ଉଦଘାଟନୀ କାର୍ଯ୍ୟକ୍ରମ ରହିଛି। ଏହି କେନ୍ଦ୍ରରେ ଅବ୍ୟବହୃତ ବିଦ୍ୟୁତ ସରଞ୍ଜାମ, ପୋଷାକ, ଯାନ୍ତ୍ରିକ ଉପକରଣ ସମେତ ବିଭିନ୍ନ ଅଦରକାରୀ ସାମଗ୍ରୀ ସଂଗ୍ରହ କରି ରଖାଯିବ। ପରେ ଏହାକୁ ପୁନଃ ନବୀକରଣ ନିମନ୍ତେ ପଠାଯିବ। ବିଇଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ି, କମିଶନର ଭବାନୀ ପ୍ରସାଦ ମିଶ୍ର ଓ ଡେପୁଟି କମିଶନର ଆଶୀର୍ବାଦ ପରିଡାଙ୍କ ସମେତ କର୍ପୋରେଟରମାନେ ବୈଠକରେ ଉପସ୍ଥିତ ଥିଲେ।

## ନିଆରା ଜନ୍ମଦିନ ପାଳିଲେ ପୂର୍ବତନ ବିଧାୟକ

### ରକ୍ତଦାନ ଶିବିରରୁ ୨୩୩ ୟୁନିଟ ରକ୍ତ ସଂଗ୍ରହ


ରକ୍ତଦାନ ଶିବିରରେ ଉପସ୍ଥିତ ପୂର୍ବତନ ଏମପି, ବିଧାୟକ ଓ ଅନ୍ୟମାନେ।

ବ୍ରହ୍ମପୁର,୧୨ା୯(ସ୍ମୃତି ରଞ୍ଜନ ମହାଲିକ)
ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ନିଜର ଜନ୍ମ ଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ବିକ୍ରମ ପଣ୍ଡା ଫ୍ୟାନ କ୍ଲବ ପକ୍ଷରୁ ସଂସ୍କୃତି ଭବନଠାରେ ବୁଧବାର ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୌଣସି ରୋଗୀଙ୍କୁ ଯେଭଳି ରକ୍ତ ଅଭାବ ନ ହେଉ ସେ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କ୍ଲବ ପକ୍ଷରୁ କୁହାଯାଇଛି। ଯାହାଦ୍ୱାରା ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଦୂର ହେବ। ରୋଗୀମାନେ ଉପକୃତ ହୋଇପାରିବେ। ଆଜିର ଶିବିରରେ ୨୩୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲ। ଏଥିରେ ପୂର୍ବତନ ଏମପି ଚନ୍ଦ୍ର ଶେଖର ସାହୁ, ବିଇଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ି, ଛତ୍ରପୁର ପୂର୍ବତନ ବିଧାୟକ ସୁବାସ ବେହେରା, ବିଜେଡି ନେତା ସୁବାଷ ମହାରଣା, ଜିଲା ପରିଷଦ ଉପସଭାନେତ୍ରୀ ଏସ ରାଜେଶ୍ୱରୀ ଦୋରାଙ୍କ ସମେତ ମଦନ ଦଳେଇ, ଭୀମ ଦଳେଇ, ଜ୍ୟୋତି ରଞ୍ଜନ ସାହୁ, ବିଜୟ ସାମଲ, ମମତା ବିଶୋୟୀ, ଜ୍ୟୋତ୍ସ୍ନା ପାଢ଼ି, କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ, ସୁରେନ୍ଦ୍ର ମହାରଣା, ଅଶ୍ୱିନୀ କୁମାର ପଟ୍ଟନାୟକ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ସୋନାଲୀ ଗନ୍ତାୟତ ଓ ସମସ୍ତ ବିଜେଡି କର୍ପୋରେଟର ଏବଂ ବରିଷ୍ଠ ନେତା ଉପସ୍ଥିତ ଥିଲେ।

## ବିଦ୍ୟୁତ ସଂଯୋଗ କଟିଯିବା କହି ଲକ୍ଷାଧିକ ଟଙ୍କା ନେଇଗଲେ

ବ୍ରହ୍ମପୁର,୧୨ା୯(ସୁବାସ ଚନ୍ଦ୍ର ପାଢ଼ୀ): ବିଦ୍ୟୁତ ବିଲ ପଇଠ ହୋଇନାହିଁ, ଖୁବଶୀଘ୍ର ସଂଯୋଗ କଟିଯିବ ବୋଲି କହି ସାଇବର ଠକମାନେ ବ୍ରହ୍ମପୁରର ଜଣେ ବ୍ୟକ୍ତିଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ. ୪୧୬/୨୪ରେ ମାମଲା ରୁଜୁ ହୋଇଛି । ପୋଲିସ ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଜାରି ରଖିଛି ।

ବ୍ରହ୍ମପୁର କୋଅପରେଟିଭ କଲୋନୀ ୩ୟ ଲାଇନରେ ରହୁଥିବା ଜଣେ ବ୍ୟକ୍ତିଙ୍କ ମୋବାଇଲକୁ ୨ ଦିନ ତଳେ ଏକ ମେସେଜ ଆସିଥିଲା । ଆପଣଙ୍କ ବିଦ୍ୟୁତ ବିଲ ପଇଠ ହୋଇନାହିଁ ଏବଂ ସନ୍ଧ୍ୟା ୬ଟା ୪୦ ବେଳେ ବିଦ୍ୟୁତ ସଂଯୋଗ କାଟି ଦିଆଯିବ ବୋଲି ସେହି ମେସେଜରେ ଲେଖା ହୋଇଥିଲା। ସେହି ମେସେଜ ସହ ମୋବାଇଲ ନମ୍ବର(୮୭୭୭୪୧୮୦୭୦) ଦିଆଯାଇ ତାହା ବିଦ୍ୟୁତ ବିଭାଗ ଅଧିକାରୀଙ୍କ ବୋଲି ଲେଖା ହୋଇଥିଲା। ତେବେ ଘରର ବିଦ୍ୟୁତ ସଂଯୋଗ କଟିଯିବ ବୋଲି ଜାଣିବା ପରେ ବ୍ୟକ୍ତି ଜଣଙ୍କ ଚିନ୍ତାରେ ପଡିଯାଇଥିଲେ । ସେହିକ୍ରମରେ ସେ ଉକ୍ତ ମେସେଜ ସହ ଆସିଥିବା ମୋବାଇଲ ନମ୍ବରକୁ କଲ କରି କଥା ହୋଇଥିଲେ । କଲ ଉଠାଇଥିବା ବ୍ୟକ୍ତି ଜଣଙ୍କ ନିଜକୁ ଆଶୁତୋଷ ବାନାର୍ଜୀ ବୋଲି ପରିଚୟ ଦେବା ସହ ନିଜ ମୋବାଇଲରେ ଇଲେକ୍ଟ୍ରିସିଟି ଭି-୩ ନାମକ ଏକ ଆପ୍ଲିକେସନ ଡାଉନଲୋଡ କରିବାକୁ କହିଥିଲେ । ଏହା ସହ ଏକ ଲିଙ୍କ ପଠାଇଥିଲେ । ବ୍ୟକ୍ତି ଜଣଙ୍କ ସେହି ଲିଙ୍କ ବ୍ୟବହାର କରି ଏହି ଆପ୍ଲିକେସନ ଡାଉନଲୋଡ କରିଥିଲେ ।ଏହାପରେ ଉକ୍ତ ଆପ୍ଲିକେସନ ଖୋଲି ନିଜର ବ୍ୟାଙ୍କ ତଥ୍ୟ ସହ ଅନ୍ୟାନ୍ୟ ତଥ୍ୟ ଦେଇଥିଲେ। କିଛି ସମୟ ପରେ ସଂପୃକ୍ତ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୧୧ ହଜାର ୪୭୨ ଟଙ୍କା କଟି ଯାଇଥିଲା। ଏହାପରେ ସାଇବର ଠକ ଜଣଙ୍କ ତାଙ୍କ ସହ ଯୋଗାଯୋଗ ବନ୍ଦ କରି ଦେଇଥିଲେ । ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ ।

## ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଉଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୧୨ା୯(ସ୍ମୃତି ରଞ୍ଜନ ମହାଲିକ)
ଟିପିଏସ୍‌ଓଡିଏଲ୍ ଦକ୍ଷିଣ ଓଡିଶାରେ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତୀକରଣ ଦିଗରେ ଉଲ୍ଲେଖନୀୟ ପ୍ରଗତି କରିଛି। ଏଠାକାର ପାହାଡ, ଜଙ୍ଗଲ ଭରା ଗ୍ରାମୀଣ ଅଞ୍ଚଳରେ ସବୁ ପ୍ରକାର ଆହ୍ୱାନକୁ ସଫଳତାର ସହ ମୁକାବିଲା କରି କମ୍ପାନୀ ଗୁଣାତ୍ମକ ବିଦ୍ୟୁତ ସେବା ଜାରି ରଖିଛି। ୩ ବର୍ଷ ମଧ୍ୟରେ ଟିପିଏସଓଡିଏଲ ପ୍ରାୟ ୧୭୪ ସର୍କିଟ କିମି ବ୍ୟାପ୍ତ ୩୩ କେଭି ବିଦ୍ୟୁତ ଲାଇନ ବିଛାଇଛି। ଯାହା ଦକ୍ଷିଣ ଓଡିଶାର ଦୁର୍ଗମ ଅଞ୍ଚଳରେ ଉପଭୋକ୍ତା ବିଜୁଳି ପାଇପାରୁଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ଦକ୍ଷିଣ ଓଡିଶାର ବିଭିନ୍ନ ଜିଲାରେ ୧୨୯.୭୦ କିମି ବିଦ୍ୟୁତ ଲାଇନ ବିଛାଇଥିବାବେଳେ ୭୬ ହଜାର ଓ ଗତବର୍ଷ ୧୨୫.୭୦ କିମି ଲାଇନ ବିଛାଇଥିବାବେଳେ ୭୨ ହଜାର ଉପଭୋକ୍ତା ଉପକୃତ ହୋଇଛନ୍ତି। ୨୦୨୧-୨୨ରେ ଟିପିଏସଓଡିଏଲ ୧୯ ସର୍କିଟ ସ୍ଥାପନ କରି ୧୦୯୨୫ ଉପଭୋକ୍ତାଙ୍କ ନିକଟରେ ସେବା ପହଞ୍ଚାଇଥିଲା। ସମଗ୍ର ଦକ୍ଷିଣ ଓଡିଶାରେ ଉଚ୍ଚ ମାନର ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା କମ୍ପାନୀର ଲକ୍ଷ୍ୟ ବୋଲି ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ।

## ସାର ବୋଝେଇ ଟ୍ରାକ୍ଟର ଜବତ, ଉତ୍ତେଜନା



ଚିକିଟି,୧୨ା୯(ପ୍ରକାଶ ଚନ୍ଦ୍ର ସାହୁ):
ଚିକିଟି ବ୍ଲକ କେ. ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ କୃଷ୍ଣପୁର ପ୍ରାଥମିକ ସେବା ସମବାୟ ସମିତିରୁ ବେଆଇନ ଭାବେ ସାର ଚୋରାଚାଲାଣ ବେଳେ ଗୁରୁବାର ଲିଆଖାଇ, କୃଷ୍ଣପୁର ଏବଂ ଆଖପାଖ ଶତାଧିକ ଗ୍ରାମବାସୀ ୨ଟି ସାର ବୋଝେଇ ଟ୍ରାକ୍ଟର ଅଟକାଇଥିଲେ। ପଞ୍ଚାୟତରେ ଚାଷୀଙ୍କୁ ସାର ମିଳୁନଥିବା ବେଳେ ସାର ବସ୍ତା ଗୁଡ଼ିକୁ କିଭଳି କେଉଁ ଉଦ୍ଦେଶ୍ୟରେ ଚାଲାଣ କରାଯାଉଥିଲା ସେ ନେଇ ଗ୍ରାମବାସୀ ସନ୍ଦେହ କରିଥିଲେ। ଏହାକୁ ନେଇ ପ୍ରାୟ ୨ ଘଣ୍ଟା ଧରି ଚାପା ଉତ୍ତେଜନା ଲାଗି ରହିଥିଲା। ଗ୍ରାମବାସୀ ବ୍ଲକ କୃଷି ଅଧିକାରୀ କିଶୋର କୁମାର ସାମଲ, କେ ନୂଆଗାଁ ଗ୍ରାମସେବକ କୁରା ବେହେରାଙ୍କୁ ଫୋନ୍‌ରେ ଜଣାଇଥିଲେ। ଉଭୟେ ପହଞ୍ଚି ଆଲୋଚନା କରିଥିଲେ ସୁଦ୍ଧା ଗ୍ରାମବାସୀମାନେ ଜିଦରେ ଅଟଳ ରହିଥିଲେ। କେ ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ, ଏସଆଇ ତଟକେଶ୍ୱର ରାଓ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହିତ ୨ ଟି ସାର ବୋଝେଇ ଟ୍ରାକ୍ଟର ଜବତ କରି ଥାନାକୁ ଆଣି ତଦନ୍ତ ଚଳାଇଛନ୍ତି। ବ୍ଲକ କୃଷି ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା କହିଛନ୍ତି ଉକ୍ତ ସାରଗୁଡ଼ିକ ଅଣଧାନ ସମୟରେ ବ୍ୟବହାର କରାଯାଏ। କେ ନୂଆଗାଁ, ନୂଆପଡ଼ା, ଚାନ୍ଦପୁର, ଲାଲ୍‌ମେଣ୍ଟା ୪ ଟି ପଞ୍ଚାୟତ ପାଇଁ ଦୀର୍ଘ ୪-୫ ମାସ ତଳେ ବ୍ଲକ କୃଷି ଅଧିକାରୀ ପ୍ରଶାସନ ତରଫରୁ କୃଷ୍ଣପୁର ପ୍ରାଥମିକ ସେବା ସମବାୟ ସମିତି ଗୋଦାମରେ ରଖାଯାଇ ୨୦୦ରୁ ଅଧିକ ବସ୍ତା ଚାଷୀମାନଙ୍କୁ ମାଗଣାରେ ଦିଆଯାଇଥିଲ। ଗୁରୁବାର ବଳକା ସାରକୁ ଉକ୍ତ ଗୋଦାମରୁ ନେଉଥିବା ବେଳେ ଗ୍ରାମବାସୀ ଅଟକାଇଥିଲେ।

## କ୍ରେଡିଟ କାର୍ଡରୁ ୮୭ ହଜାର ଠକେଇ

ବ୍ରହ୍ମପୁର,୧୨ା୯(ସୁବାସ ଚନ୍ଦ୍ର ପାଢ଼ୀ):
ଖୋଡାସିଂର ଜଣେ ବ୍ୟକ୍ତିଙ୍କ କ୍ରେଡିଟ କାର୍ଡରୁ ୮୭ ହଜାର ଟଙ୍କା ଠକେଇ ହୋଇଛି। ଦୁର୍ବୃତ୍ତ କ୍ରେଡିଟ କାର୍ଡର ନମ୍ବର ଏବଂ ପିନ ବ୍ୟବହାର କରି ମୋବାଇଲ ସହ ଅନ୍ୟାନ୍ୟ ସାମଗ୍ରୀ କିଣିଛନ୍ତି। ସପ୍ତାହେ ତଳେ ଖୋଡାସିଂର ଏହି ବ୍ୟକ୍ତିଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲ। ଯେଉଁଥିରେ ସେ ତାଙ୍କ କ୍ରେଡିଟ କାର୍ଡରୁ ୮୭ ହଜାର ଟଙ୍କା ଖର୍ଚ୍ଚ କରିଥିବା ଉଲ୍ଲେଖ ରହିଥିଲା। ତେବେ ସେ କୌଣସି ସାମଗ୍ରୀ କିଣିନଥିବା ବେଳେ କାର୍ଡରୁ କେମିତି ଟଙ୍କା କଟିଗଲା ସେ ନେଇ ସାଇବର ସେଲରେ ଅଭିଯୋଗ କରିଥିଲେ । ଯାଞ୍ଚ ପରେ କ୍ରେଡିଟ କାର୍ଡରୁ କଟକ ସ୍ଥିତ ରିଲାଏନ୍ସ ରିଟେଲରୁ ଜଣେ ଯୁବକ ୫୦ ହଜାର ଟଙ୍କା ମୂଲ୍ୟର ଏକ ମୋବାଇଲ କିଣିଥିବା ଜଣାପଡିଥିଲା । ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି।

## ମହାମାୟୀ ମହିଳା କଲେଜରେ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକାମାନେ।

ବ୍ରହ୍ମପୁର,୧୨ା୯(ସ୍ୱାଧୀନଶେଖର ପାଢ଼ୀ)
ମହାମାୟୀ ମହିଳା ମହାବିଦ୍ୟାଳୟର ଆନ୍ତଃ ବିଭାଗୀୟ ତୃତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ. ନିବେଦିତା ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଆଇକ୍ୟୁଏସି ପକ୍ଷରୁ ବିଭିନ୍ନ ବିଭାଗର ସମିଶ୍ରଣରେ ଏହା ହୋଇଥିଲା। 'ତୃତୀୟ ଲିଙ୍ଗିଙ୍କ ସମସ୍ୟା ଓ ସମାଧାନ' ସମ୍ପର୍କିତ ଶୀର୍ଷକରେ ଆଲୋଚନା କରାଯାଇଥିଲା। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଅରୁନ୍ଧତୀ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶୀର୍ଷକ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ଡ ଜୟନ୍ତୀ ରାଣୀ ପଣ୍ଡା, ଆଇକ୍ୟୁଏସି ସଂଯୋଜିକା ଡ. ସୁଜାତା ପଣ୍ଡିତ,ସଦସ୍ୟା ଡ. ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ସମେତ ବିଭାଗୀୟ ମୁଖ୍ୟା, ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀ ଉପସ୍ଥିତ ଥିଲେ।

## ଗଣେଶ ମେଢ଼ ଭସାଣିରେ ଗୋଷ୍ଠୀ ସଂଘର୍ଷ

ଦିଗପହଣ୍ଡି/ପାଟପୁର,୧୨ା୯(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ): ସାନଖେମୁଣ୍ଡି ବ୍ଲକ ପାଇକ ରାମଚନ୍ଦ୍ରପୁର ଗ୍ରାମରେ ଗଣେଶ ମେଢ଼ ଭସାଣିରେ ଆତସବାଜି ଫୁଟାଇବାକୁ କେନ୍ଦ୍ରକରି ୨ ଗୋଷ୍ଠୀ ସଂଘର୍ଷରେ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ବୁଧବାର ରାତି ପ୍ରାୟ ସାଢ଼େ ୯ଟାରେ ଗ୍ରାମର ଯୁବକମାନେ ଭସାଣି ଶୋଭାଯାତ୍ରା କରୁଥିଲେ। ଗ୍ରାମର ଜଣେ ବ୍ୟକ୍ତି ଏକ ଆତସବାଜି ଲଗାଇ ଶୋଭାଯାତ୍ରାକୁ ଫୋପାଡିବାରୁ ୨ଗୋଷ୍ଠୀ ଠେଙ୍ଗା, ବାଡ଼ ଆଦି ଧରି ଆକ୍ରମଣ ପ୍ରତିଆକ୍ରମଣ କରିଥିଲେ। ଆହତମାନଙ୍କୁ ଶେରଗଡ଼ ଏବଂ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେହି ରାତିରେ ପାଟପୁର ପୋଲିସ ଟିମ୍ ଗ୍ରାମରେ ପହଞ୍ଚି ତଦନ୍ତ କରି ଫେରିଥିଲା। ଗୁରୁବାର ଏନେଇ ୨ ଗୋଷ୍ଠୀ ପାଟପୁର ଥାନାରେ ପହଞ୍ଚି ଏତଲା ଦେବାପରେ ପୋଲିସ ପୃଥକ ୨ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଆସିକା ବିଧାୟକଙ୍କ ବିବାଦୀୟ ମନ୍ତବ୍ୟ, ସରପଞ୍ଚ ସଂଘର କ୍ଷୋଭ



ଆସିକା,୧୨ା୯(ସୁରେନ୍ଦ୍ର ନାଥ ସାହୁ):
ଆସିକା ବିଧାୟକ ସରୋଜ ପାଢୀ ବୁଧବାର ରାଜ୍ୟର ସରପଞ୍ଚମାନଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟକୁ ନେଇ ସରପଞ୍ଚମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁବାର ଆସିକା ବ୍ଲକର କାଳକଣ୍ଠପୁରସ୍ଥିତ ମେରୁ ମଣ୍ଡପ ଠାରେ ଅନୁଷ୍ଠିତ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନଙ୍କ ଏକ ବୈଠକରେ ବିଧାୟକଙ୍କ କଟୁ ମନ୍ତବ୍ୟକୁ ନେଇ କ୍ଷୋଭ ପ୍ରକାଶ କରାଯାଇଛି । ଦକ୍ଷିଣ ଓଡ଼ିଶା ସରପଞ୍ଚ ସଂଘ ସଭାପତି ତଥା ଆସିକା ବ୍ଲକ କେନ୍ଦୁପଦର ସରପଞ୍ଚ ଭବାନୀ ଶଙ୍କର ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକଙ୍କ ଏଭଳି ମନ୍ତବ୍ୟ ସରପଞ୍ଚମାନଙ୍କ ସ୍ୱାଭିମାନ ଉପରେ ଆଞ୍ଚ ଆଣିଥିବା ଅଭିଯୋଗ କରାଯାଇଛି । ଏହା ବିରୋଧରେ ସରପଞ୍ଚମାନଙ୍କ ପକ୍ଷରୁ ଆସନ୍ତା ବୁଧବାର ଆସିକାରେ ଗଞ୍ଜାମ ଜିଲାସ୍ତରୀୟ ସମାବେଶ ଲାଗି ନିଷ୍ପତ୍ତି ନିଆଯାଇଛି । ସରପଞ୍ଚମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ରାଷ୍ଟ୍ରପତି ଓ ରାଜ୍ୟପାଳ ଉଦ୍ଦେଶ୍ୟରେ ଆସିକା ବିଡିଓ, ତହସିଲଦାରଙ୍କୁ ସ୍ମାରକପତ୍ର ଦେବା ଲାଗି ନିଷ୍ପତ୍ତି ହୋଇଥିବା ସରପଞ୍ଚ ମଲିକ ସୂଚନା ଦେଇଛନ୍ତି । ଏହି ଅବସରରେ ଆସିକା ବ୍ଲକ ସରପଞ୍ଚ ସଂଘ ଗଠନ କରାଯାଇଛି । ଭବାନୀ ଶଙ୍କର ମଲିକ ସଭାପତି, ଜୟସେନ ସ୍ୱାଇଁ ଉପସଭାପତି, ମନୋଜ କୁମାର ପରିଡା ସମ୍ପାଦକ, ନିଳାଞ୍ଚଳ ଗୌଡ କୋଷାଧକ୍ଷ ଏବଂ ବିଦ୍ୟାନ୍ତ କୁମାର ଚର୍ଚ୍ଚି ଓ ଦୁର୍ଗାଚରଣ ବେହେରା ଉପଦେଷ୍ଟା ଭାବେ ରହିଛନ୍ତି। ସୂଚନାଯୋଗ୍ୟ ଆସିକା ବିଧାୟକ ସରୋଜ ପାଢୀ ବୁଧବାର ଗଣମାଧ୍ୟମ ଆଗରେ ରାଜ୍ୟରେ ବିଜେଡି ସରକାର ଅମଳରେ ସରପଞ୍ଚମାନେ ପଞ୍ଚାୟତକୁ ଉନ୍ନୟନ ଲାଗି ଆସୁଥିବା ବିପୁଳ ଅର୍ଥ ଲୁଟିନେଇଛନ୍ତି । ଏପରିକି ତାଙ୍କ ନିର୍ବାଚନ ମଣ୍ଡଳିରେ କୌଣସି ପଞ୍ଚାୟତ ନାହିଁ ଯେଉଁଠି ଫଲସ ବିଲ କରାଯାଇ ଟଙ୍କା ହଡ଼ପ ହୋଇନାହିଁ ବୋଲି କହିଥିଲେ। ଏହାର ବିଧିବଦ୍ଧ ତଦନ୍ତ କଲେ ଶତ ପ୍ରତିଶତ ସରପଞ୍ଚ କାଠଗଡାକୁ ଟଣା ହେବେ ବୋଲି ମନ୍ତବ୍ୟ ଦେଇଥିଲେ ।

## ମୂର୍ତ୍ତି ବିସର୍ଜନ ବେଳେ ୨ ସ୍ଥାନରେ ଗଣ୍ଡଗୋଳ, ୫ ଗିରଫ

### ଆକ୍ରମଣରେ ୬ ହୋଇଛନ୍ତି ଆହତ

ଗୋପାଳପୁର,୧୨ା୯
(ନବୀନ ରାଜ ଆଚାରୀ)
ବୁଧବାର ରାତିରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇଟି ଗାଁରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଗଣ୍ଡଗୋଳ ଘଟି ୭ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଏହି ଘଟଣାରେ ଗୁରୁବାର ଗୋଳନ୍ଥରା ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସେମାନେ ହେଲେ ସୋରଳ ଗ୍ରାମର ଭାବନୀ ଶଙ୍କର ବେହେରା, ରାମ ବେହେରା ଓ କାହ୍ନା ବେହେରା। ଝିଙ୍କିପଦର ଗାଁର ଶଙ୍କର ଦାସ ଓ ବିଜୁ ଦାସ।

ପୋଲିସ ସୂଚନା ଅନୁଯାୟ, ବୁଧବାର ରାତିସାଢେ ୧୦ଟାରେ ଏହି ଥାନା ଅଧୀନ କେଉଟ କୋଇଠା ଗ୍ରାମରେ କେତେ ଜଣ ଯୁବକ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଯାଉଥିବା ବେଳେ ସୋରଳ ବସଷ୍ଟାଣ୍ଡ ନିକଟରେ ଅନ୍ୟ ଏକ ଗୋଷ୍ଠୀର ଯୁବକଙ୍କ ସହ କଥା କଟାକଟି ହୋଇ ଗଣ୍ଡଗୋଳ ହୋଇଥିଲା। କେତେ ଜଣ ଯୁବକଙ୍କ ଆକ୍ରମଣରେ ସୋରଳ ଗ୍ରାମର କେତେ ଜଣ ଯୁବକ ଆହତ ହୋଇଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ଗୁରୁବାର ସକାଳ ସାଢେ ୯ ଟାରେ କେଉଟ କୋଇଠାର ଧର୍ମରାଜ ବେହେରା ନାମକ ଜଣେ ଶିକ୍ଷକ ନିଜ ସ୍କୁଟି (ନଂ ଓଡି୦୭ ଏଏସ -୦୯୩୭) ଯୋଗେ ସ୍କୁଲକୁ ଯାଉଥିବା ବେଳେ ବସ୍‌ଷ୍ଟାଣ୍ଡ ନିକଟରେ ୧୦ରୁ ୧୫ ଜଣ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ସ୍କୁଟି ଭଙ୍ଗାରୁଜା କରିଥିଲେ। ଏହା ଜାଣିବା ପରେ ସୋରଳ ଗାଁରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏ ନେଇ ଶିକ୍ଷକ ବେହେରାଙ୍କ ଅଭିଯୋଗକ୍ରମେ ଗୋଳନ୍ଥରା ଥାନାରେ ନଂ. ୩୬୬/୨୪)ରେ ମାମଲା ରୁଜୁ ହୋଇଛି। ପୋଲିସ ସୋରଳ ଗ୍ରାମର ଭାବନୀ ଶଙ୍କର ବେହେରା, ରାମ ବେହେରା ଓ କାହ୍ନା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସେହିପରି ଗୋବିନ୍ଦନଗର ପଞ୍ଚାୟତର ଝିଙ୍କିପଦର ଗାଁରେ ବୁଧବାର ରାତିରେ ମୂର୍ତ୍ତି ବିସର୍ଜନ ସମୟରେ କୌଣସି କାରଣକୁ କେନ୍ଦ୍ର କରି ଶଙ୍କର ଦାସ, ବିଜୁ ଦାସ ଏବଂ ଅନ୍ୟ ଏକ ଗାଁର ଦୁଇ ଜଣ ଯୁବକ ମିଳିତ ଭାବେ ରେଳ ଫାଟକ ନିକଟରେ କେତେ ଜଣ ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଝିଙ୍କିପଦର ଗାଁର ରୋହିତ ଦାସ, ଅର୍ଜୁନ ଦାସ ଗୌରାଙ୍ଗ ଦାସ, ନୟନା ଦାସ, କାହ୍ନୁ ଦାସ ଏବଂ ସୁଭଦ୍ରା ଦାସ ପ୍ରମୁଖ ୬ଜଣ ଆହତ ହୋଇଥିଲେ। ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁବାର ରୋହିତ ଏ ନେଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୬୪/୨୪ରେ ମାମଲା ରୁଜୁ କରି ଶଙ୍କର ଦାସ ଓ ବିଜୁ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋରଳ ଏବଂ ଝିଙ୍କିପଦର ଗଣ୍ଡଗୋଳ ଘଟଣାରେ ଅନ୍ୟ ଯେଉଁମାନେ ସମ୍ପୃକ୍ତ ଥିବେ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

## ସଂକ୍ଷେପରେ

### ୩୦ ପରିବାର ଜ୍ୱରରେ ଆକ୍ରାନ୍ତ

ମୋହନା,୧୨।୯(ମନ୍ମଥ ମିଶ୍ର): ମୋହନା ବ୍ଲକ ବିରିକୋଟ ଗାଁରେ ୩୦ ପରିବାର ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ଗାଁର ୯ ଓ ୧୦ ନଂ. ୱାର୍ଡରେ ବସବାସ କରୁଥିବା ୪୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଜ୍ୱରରେ ପୀଡ଼ିତ ଅଛନ୍ତି। ପ୍ରଥମେ ଜ୍ୱର ଓ ପରେ ଗୋଡ଼ହାତ ବିନ୍ଧା ସହ ଫୁଲିଯାଉଥିବା ମହିଳାମାନେ କହିଛନ୍ତି। ସଂଯୁକ୍ତା ସିଂ, ସାବିତ୍ରୀ ସିଂ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଥିବା ବେଳେ ଅଧିକାଂଶ ଲୋକେ ଘରେ ପଡ଼ି ରହିଛନ୍ତି। କେଉଁ କାରଣରୁ ଏହି ରୋଗ ବଢ଼ିବାରେ ଲାଗିଛି ତାହା ଜଣାପଡିନ ଥିବା ବେଳେ ଏବେ ଗାଁ ଲୋକେ ଭୟଭୀତ ରହିଛନ୍ତି । ଏ ନେଇ ବିରିକୋଟ ମେଡ଼ିକାଲ୍ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଆମ ପାଖକୁ ଦୁଇଟି କେସ ଆସିଛି, ଯଦି ଏହି ରୋଗ ବଢ଼ିବାରେ ଲାଗିଛି ଏକ ଡ଼ାକ୍ତରୀ ଟିମ୍ ଗଠନ କରି ଅତିଶୀଘ୍ର ତଦନ୍ତ କରାଯିବ।

### ରୋଗୀ ମୃତ୍ୟୁ ପରେ ଟଙ୍କା ଦାବିରୁ ଉତ୍ତେଜନା

ଗୋପାଳପୁର,୧୨।୯(ନବିନ ରାଜ ଆଚାରୀ): ଗଞ୍ଜାମ ଜିଲା ଶିତଲାପଲ୍ଲୀସ୍ଥିତ ଏକ ଘରୋଇ ହସ୍ପିଟାଲରେ ଗୁରୁବାର ଜଣେ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁ ପରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅଧିକ ବିଲ କରି ଟଙ୍କା ଦାବି କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ବାବୁଲାପଲ୍ଲୀ ଗ୍ରାମର ଜଣେ ଗୁରୁତର ରୋଗୀ ଜି.ଭୀମସେନ (୭୦)ଗତ ୧୦ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ବୁଧବାର ରାତି ୧୧ଟାରେ ଆଇସିୟୁ କୁ ନିଆଯାଇଥିଲା । ଗୁରୁବାର ସକାଳ ୮ଟାରେ ଭୀମସେନଙ୍କ ମୃତ୍ୟୁ ହୋଇଥିଲା। ମାତ୍ର ହସ୍ପିଟାଲ କର୍ତ୍ତୃପକ୍ଷ ଭୀମସେନଙ୍କ ମୃତ୍ୟୁ ସମ୍ପର୍କରେ କିଛି ସୂଚନା ନ ଦେଇ ପରିବାର ଲୋକଙ୍କୁ ୨୫ ହଜାର ଟଙ୍କା ଡିପୋଜିଟ କରିବାକୁ କହିଥିଲେ ବୋଲି ତାଙ୍କ ପୁଅ ଜି.ମୂରଲୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ କିଛି ସମୟ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା।

### ବିପୁଳ ପରିମାଣର ନକଲି ମଦ ଜବତ, ୨ ଗିରଫ

ଗଞ୍ଜାମ,୧୨।୯(ବିଦ୍ୟାଧର ସାହୁ) ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳରୁ ବୁଧବାର ବିପୁଳ ପରିମାଣର ନକଲି ମଦ, ମଦ ତିଆରି ସାମଗ୍ରୀ ଓ ଦେଶୀ ମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ପାଲଙ୍ଗ ପଞ୍ଚାୟତ ନିମସୂଳା ଗ୍ରାମର ହରି ସାହୁ ଏବଂ ବାଗଲପୁର ଗ୍ରାମରେ ଉଷାରାଣୀ ସାହୁଙ୍କୁ ଗିରଫ କରାଯାଇଛି। ଉଭୟେ ଦୀର୍ଘଦିନ ହେଲା ଚୋରାରେ ନକଲି ବିଦେଶୀ ମଦ ତିଆରି କରୁଥିଲେ। ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୨୨୦ ଲିଟର ଦେଶୀ ମଦ ଓ ନକଲି ବିଦେଶୀ ମଦ ବୋତଲ, ଲୋଗୋ, ମଦ ତିଆରିରେ ବ୍ୟବହୃତ ରାସାୟନିକ ସାମଗ୍ରୀ ଜବତ କରାଯାଇଛି। ଗଞ୍ଜାମର ଚିକିଟି ଅଞ୍ଚଳରେ ବିଷାକ୍ତ ଅପମିଶ୍ରିତ ମଦ୍ୟପାନ କରି ୫ ଜଣଙ୍କ ଜୀବନ ଚାଲିଯିବା ଏବଂ ଅନେକ ଗୁରୁତର ହୋଇଥିଲେ। ଏହି ଘଟଣା ନେଇ ରମ୍ଭା ପୋଲିସ ପକ୍ଷରୁ ଛାନଭିନ କରାଯାଇଥିଲା। ସହରରୁ ବିଭିନ୍ନ ନାମୀଦାମୀ କମ୍ପାନୀର ନକଲି ବିଦେଶୀ ମଦ ପ୍ରସ୍ତୁତ ବିଭିନ୍ନ ହୋଟେଲ ଓ ଜାତୀୟ ରାଜପଥ କଡ଼ରେ ଥିବା ଦୋକାନ ବଜାରକୁ ନକଲି ମଦ ଦିଆଯାଉଥିବାର ଘଟଣା ସାମ୍ନାକୁ ଆସିଛି। ଚଢ଼ାଉରେ ରମ୍ଭା ଥାନା ଏସ୍‌ଆଇ ଧରିତ୍ରୀ ବିଶ୍ୱାଳ, ଏଏସ୍‌ଆଇ ଛବିରାଣି ନାୟକ, ଏଏସ୍‌ଆଇ ପ୍ରଭାତ କୁମାର ବାଲିକାନା ଓ ରୂପକ ପଲାଇ, ପ୍ରଭାତ ନାୟକ, ଉପେନ୍ଦ୍ର ପଲାଇ, ଲୋକା ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ ନାଏବ ସରପଞ୍ଚ, ୧୬ ୱାର୍ଡ ସଭ୍ୟ

ଛତ୍ରପୁର,୧୨।୯(ଦିଲ୍ଲୀପ ସାମଲ) ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ମନୋଜ ବେହେରାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଛି। ପଞ୍ଚାୟତର ନାଏବ ସରପଞ୍ଚଙ୍କ ସହ ୧୬ ୱାର୍ଡ ସଭ୍ୟସଭ୍ୟା ଗୁରୁବାର ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହାନ୍ତଙ୍କୁ ଭେଟି ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ ନିୟମିତ ବୈଠକ କରୁନାହାନ୍ତି। ପଞ୍ଚାୟତବାସୀଙ୍କୁ ମୌଳିକ ସୁବିଧା ମିଳିପାରୁନାହିଁ। କୌଣସି ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ପଞ୍ଚାୟତରେ ହେଉନାହିଁ। ସରପଞ୍ଚ ବେହେରା ତାଙ୍କ ମନ ମୁତାବକ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଫଳରେ ୱାର୍ଡ ସଭ୍ୟସଭ୍ୟାଙ୍କୁ ଗ୍ରାମବାସୀଙ୍କ ନିକଟରେ



ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ୱାର୍ଡସଭ୍ୟାସଭ୍ୟମାନେ।

ଅପଦସ୍ଥ ହେବାକୁ ପଡୁଛି। ଏଥିସହ ଏମ୍‌ଜି ଏନ୍‌ଆର୍‌ଇଜିଏସ୍‌ରେ ଆସୁଥିବା ଅର୍ଥକୁ ସରପଞ୍ଚ ନିଜ ପରିବାର ଲୋକଙ୍କ ଜବକାର୍ଡ ନଂ. ୩୮୦୫ ଦ୍ୱାରା କାମ ନ କରି ଡିମାଣ୍ଡ ଦେଇ ଟଙ୍କା ଉଠାଉଛନ୍ତି ବୋଲି ସେମାନେ ପ୍ରଦତ୍ତ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ସରପଞ୍ଚ ବେହେରା ଏଭଳି ବିଭିନ୍ନ ବେନିୟମ କାର୍ଯ୍ୟରେ ଲିପ୍ତ ରହୁଥିବାରୁ ତାଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ଆଗତ କରି ତୁରନ୍ତ ତାଙ୍କୁ ପଦବୀରୁ ବହିଷ୍କାର କରିବାକୁ ଏହି ନିର୍ବାଚିତ ଜନ ପ୍ରତିନିଧିମାନେ ଉପଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଭାଜପାର ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ସମ୍ପାଦକ କୀର୍ତ୍ତନ ଦାସ, ଗଞ୍ଜାମ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଡି. କାନକେୟା ରେଡ୍ଡୀ, ସୁରେନ୍ଦ୍ର ନାଥ ସାହୁ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ ପାଢ଼ୀ, ଶ୍ରମିକ ନେତା ତଥା ପୂର୍ବତନ ସମିତିସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀଙ୍କ ନେତୃତ୍ୱରେ ପଞ୍ଚାୟତର ନାଏବ ସରପଞ୍ଚ ବିଷ୍ଣୁପ୍ରିୟା ନାହାକ, ୱାର୍ଡ ସଭ୍ୟା ଟୁନି ବେହେରା, ଜେ. ସୋନା, ଏମ. କୁମାରୀ ପାତ୍ର, କାହ୍ନୁ ନାହାକ, ରେଣୁପ୍ରଭା ନାହାକ, ଦୀପକ ନାୟକ, ଚନ୍ଦ୍ରମୋହନ ବେହେରା, ବିଶ୍ୱଜିତ ନାହାକ, ଟିକିଲି ପଲାଇ, ବିଳାଶ ନାହାକ, ବସନ୍ତ ଦାସ, ମନୋଜ ନାହାକ, ସଂଯୁକ୍ତା ନାୟକ, ରେଶମା ବେହେରା ଓ ପ୍ରଗତି ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।

# ଖେଳଶିକ୍ଷକଙ୍କ ମାଡ଼ରେ ୫ ଛାତ୍ରୀ ଆହତ

ବାଲିଗୁଡ଼ା,୧୨।୯(ସଞ୍ଜୟ କୁମାର ପାଣିଗ୍ରାହୀ): କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୁଡୁଙ୍ଗିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖେଳ ଶିକ୍ଷକ ୫ ଜଣ ଅଷ୍ଟମଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ବୁଧବାର ବିଦ୍ୟାଳୟ ପରିସରରେ ମଧ୍ୟାହ୍ନଭୋଜନ ଖାଇବା ସମୟରେ ଛାତ୍ରୀଙ୍କ ମଧ୍ୟରେ ଥଟ୍ଟାମଜା ହେଉଥିଲେ। ଏହି ସମୟରେ ଖେଳଶିକ୍ଷକ ବିକ୍ରମ କେଶରୀ ବେହେରା ଆସି ଉତ୍ତ୍ୟକ୍ତ ହୋଇ ବାଡ଼ିରେ ସେମାନଙ୍କୁ ନିର୍ଘୃମ ମାଡ଼ ମାରିଥିଲେ। ଛାତ୍ରୀମାନେ ଘରକୁ ଯିବାପରେ ଘଟଣା ସମ୍ପର୍କରେ ଅଭିଭାବକଙ୍କୁ ଜଣାଇଥିଲେ। ଗୁରୁବାର ସକାଳେ ପରିବାର ଲୋକେ ଛାତ୍ରୀଙ୍କୁ ବୁଡାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇବା ପରେ ସ୍କୁଲରେ ପହଞ୍ଚିଥିଲେ। ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା ଅନୁପସ୍ଥିତ ଥିବା ବେଳେ ଛାତ୍ରୀଙ୍କୁ ମାଡ଼ ଘଟଣାକୁ ନେଇ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହୋଇଥିଲା। ତେବେ ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବା ବେଳେ ଖେଳ ଶିକ୍ଷକ ମାଡ଼ ମାରିଥିବା ସ୍ୱୀକାର କରିଛନ୍ତି। ବିଦ୍ୟାଳୟର କେତେଜଣ ଶିକ୍ଷୟତ୍ରୀ ଶିକ୍ଷକ ଏଭଳି ମାଡ଼ ମାରିବା ସହ ଗାଳିଗୁଲଜ କରୁଥିବା କହିଛନ୍ତି ଛାତ୍ରୀ। ବିଦ୍ୟାଳୟ ଦଣ୍ଡମୁକ୍ତ ଅଞ୍ଚଳ ହୋଇଥିବା ବେଳେ ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ସୁଭଦ୍ରା ଯୋଜନାର ଲାଭ ଉଠାଇବାକୁ ସୁନା ବନ୍ଧକ ରଖି ମୋବାଇଲ କିଣିଲେ

ପାରଳାଖେମୁଣ୍ଡି,୧୨।୯(ଗିରିଧାରୀ ପରିଛା)

ଗଜପତି ଜିଲା ଆର. ଉଦୟଗିରି ବ୍ଲକରେ 'ସୁଭଦ୍ରା' ଯୋଜନା ପାଇଁ ଜଣେ ହିତାଧିକାରୀ ନିଜ ସୁନା ବନ୍ଧକ ରଖି ମୋବାଇଲ କିଣିବା ପରି ଅଭାବନୀୟ ଘଟଣା ଘଟିଛି। ଏନେଇ ଏକ ଭିଡିଓ ଭାଇରଲ୍ ହେବା ପରେ ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଭିଡିଓ ଏବେ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି।
ଖବରରୁ ଜଣାପଡିଛି, ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନାରେ ଆବେଦନ କରିବା ପାଇଁ ଜଣେ ଆଦିବାସୀ ବ୍ୟକ୍ତି ନିଜ ସ୍ତ୍ରୀଙ୍କ ସୁନା ବନ୍ଧକ ରଖି ସେଥିରେ ଗୋଟିଏ ମୋବାଇଲ କିଣିଛନ୍ତି। ମୋବାଇଲ ନ ଥିଲେ ଆଧାର କାର୍ଡ ସହିତ ଫୋନ ନମ୍ବର



ସଂଯୋଗ ହୋଇପାରିବନି ଏବଂ ସେ ଏହି ଯୋଜନାରୁ ଫାଇଦା ପାଇପାରିବେନି ବୋଲି ଶୁଣି ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି। ଏହି ଆଦିବାସୀ ବ୍ୟକ୍ତିଜଣକ ମୋବାଇଲ କିଣିବା ପରେ ନୂଆଗଡ଼ ଗାଁର ଏକ ଦୋକାନକୁ ସିମ୍ କିଣିବା ଲାଗି ଯାଇଥିଲେ। ସେଠାରେ ଦୋକାନୀ ଜଣକ ତାଙ୍କୁ ମୋବାଇଲ ଫୋନ ବିଷୟରେ ପଚାରିବାରୁ ସେ ଏହା କହିଥିଲେ। ସୁଭଦ୍ରା ଯୋଜନାର ଭବିଷ୍ୟତ ସମ୍ପର୍କରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ କୌଣସି ଧାରଣା ନାହିଁ। ମାତ୍ର ଏବେ ଯେପରି ଆଧାର ଅପ୍‌ଡେଟ୍‌କୁ ନେଇ ବିଭିନ୍ନ ଜନସେବା କେନ୍ଦ୍ର, ପୋଷ୍ଟ ଅଫିସଗୁଡିକରେ ଭିଡ଼ ଜମୁଛି ତାହାକୁ ଦେଖି ନୀରିହ ଲୋକମାନେ ନିଜ ପାଖରେ ମୋବାଇଲ ଫୋନ ନ ଥିଲେ ସୁଦ୍ଧା ଘରର ଜିନିଷପତ୍ର ବନ୍ଧକ ପକାଇବାକୁ ବାଧ୍ୟ ହେଉଛନ୍ତି। ଯେମିତି ସମ୍ପୃକ୍ତ ବ୍ୟକ୍ତିଙ୍କ କ୍ଷେତ୍ରରେ ଘଟିଛି। ପ୍ରଶାସନ ଏ ନେଇ ଗୁରୁତ୍ୱ ଦେଇ ଆଦିବାସୀ ଅଞ୍ଚଳରେ ସ୍ୱତନ୍ତ୍ର ଶିବିର କରି ଲୋକଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ଡକାୟତି ମାମଲା, ବୋଲେରୋ ଚାଳକ ଗିରଫ

ଖଜୁରିପଡା,୧୨।୯(ବିଦୁର ବେହେରା) ଖଜୁରିପଡ଼ା ଥାନା ଅଞ୍ଚଳରେ ଡକାୟତି କରି ଫେରାର୍ ଥିବା ବୋଲେରୋ ଚାଳକଙ୍କୁ ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଏକ ବୋଲେରୋ ଜବତ କରାଯାଇଛି। ସେ ହେଲେ ଖୋର୍ଦ୍ଧା ଶ୍ରୀରାମ ନଗର ଅଞ୍ଚଳର ସନ୍ତୋଷ ସ୍ୱାଇଁ। ପୋଲିସର ସୂଚନା ପ୍ରକାରେ, ସୋମବାର ବୌଦ୍ଧ ଜିଲା ହରଭଙ୍ଗା ଅଞ୍ଚଳରୁ ଚିପ୍ସ ବୋଝେଇ ଏକ ହାଇୱା ଟ୍ରକ୍ ଖଜୁରିପଡ଼ାରେ ଚିପ୍ସ ଖାଲିକରି ହରଭଙ୍ଗା ଫେରୁଥିଲେ। ଏହି ସମୟରେ ଗାଡ଼ିଆପଡା ନାଳଠାରେ ହାଇୱା ଗାଡ଼ି ରଖି ଡ୍ରାଇଭର ଏବଂ ହେଲ୍‌ପର ଶୌଚ ହେବାକୁ ଯାଇଥିଲେ। ହଠାତ୍ ଏକ ବୋଲେରୋ ଗାଡ଼ିରେ ଚାଳକ ସମେତ ୩ ଜଣ ଆସି ହାଇୱା ପାଖରେ ଅଟକି ଥିଲେ ଏବଂ ଚାଳକ ଧୀରେନ ବେହେରାଙ୍କୁ ସେମାନେ ଭିଜିଲାନ୍ସ ପୋଲିସ କହି ଚାଳକ ଏବଂ ହେଲପରକୁ ମାଡ଼ ମାରି ସ୍ମାର୍ଟ ଫୋନ ସହିତ ନଗଦ ୨୦ ହଜାର ଟଙ୍କା ଛଡାଇ ନେଇ ଭୁବନେଶ୍ୱର ରାସ୍ତାରେ ଫେରାର ହୋଇଯାଇଥିଲେ। ସେମାନଙ୍କ ବ୍ୟବହାରକୁ ସନ୍ଦେହ କରି ହାଇୱା ଚାଳକ ଖଜୁରିପଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବୋଲେରୋ ନମ୍ବରକୁ ଯାଞ୍ଚ କରି ସନ୍ତୋଷଙ୍କୁ ଗିରଫ କରି ତଦନ୍ତ କରିଥିଲା। ଏ ନେଇ ସ୍ଥାନୀୟ ଥାନାରେ ନଂ. ୧୪୩/୨୪ରେ ଏକ ଡକାୟତି ମାମଲା ରୁଜୁ କରାଯାଇଛି। ଅନ୍ୟ ଦୁଇ ଜଣ ଫେରାର ଥିବା ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

# ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଛତ୍ରପୁର,୧୨।୯(ଦିଲ୍ଲୀପ ସାମଲ) : ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ଛତ୍ରପୁର ସିଭିଲ କୋର୍ଟ ପରିସରରେ ଆସନ୍ତା ୧୪ ତାରିଖରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହାର ବ୍ୟାପକ ପ୍ରଚାର ଓ ପ୍ରସାର କରିବା ସହିତ ଲୋକଙ୍କୁ ସଚେତନ କରିବା ପାଇଁ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି । ଅତିରିକ୍ତ ଜିଲା ଓ ଦୌରାଜଜ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ମନୋରଞ୍ଜନ ଦାସ,ଏଜଡିଜେଏମ ପ୍ରୀତିଶ କୁମାର ରଥ, ସିନିୟର ସିଭିଲ ଜଜ ପୂଜା ଦେ, ଜେଏମଏଫସି ସ୍ୱାଗତିକା ସ୍ୱାଇଁ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀ, ଆଇନଜୀବୀ ବ୍ରଜ ମୋହନ ଆଚାର୍ଯ୍ୟ, ଗିରିଶ କୁମାର ଶତପଥୀ ଏବଂ କୋର୍ଟର ବହୁ କର୍ମଚାରୀଙ୍କ ଉପସ୍ଥିତିରେ ଏହି ରଥର ଶୁଭାରମ୍ଭ କରାଯାଇଥିଲା । ଯଦି କାହାର କୌଣସି ମକଦ୍ଦମା ଦୀର୍ଘ ଦିନ ଧରି କୋର୍ଟରେ ବିଚାରାଧୀନ ଅଛି କିମ୍ବା କାହା ସହ ବିବାଦ ଲାଗି ରହିଛି ତାର ଆପୋଷ ଓ ସହଜ ସମାଧାନ ପାଇଁ ଏହି ଅଦାଳତର ସାହାର୍ଯ୍ୟ ନେବା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣର ସମାଧାନ ଆଦି ନେଇ ବିଭିନ୍ନ ସ୍ଥାନକୁ ବୁଲି ଲୋକଙ୍କୁ ସଚେତନ କରାଯାଉଛି ।

# ଯୁବ ଜ୍ୟୋତିଷ ବିଶାରଦ ଦେବୀପ୍ରସାଦ ସମ୍ମାନିତ



ଶେରଗଡ,୧୨।୯(ସୂର୍ଯ୍ୟ ନାରାୟଣ ଦାଶ):ଶେରଗଡ ବ୍ଲକ ହରିକୃଷ୍ଣପୁର ଗ୍ରାମରଦେବୀ ପ୍ରସାଦ ତ୍ରିପାଠୀ ଲୁଧିଆନାରେ ଭାରତୀୟ ଧ୍ରୁବତାରା ଆଷ୍ଟ୍ରୋ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଜ୍ୟୋତିଷ ବିଶାରଦ ସମ୍ମିଳନୀରେ ଯୁବ ଜ୍ୟୋତିଷ ବିଶାରଦ ଭାବେ ସ୍ୱର୍ଣ୍ଣପଦକ ପାଇଛନ୍ତି। ତାଙ୍କୁ ଏହି ପଦକ ସହ ମାନପତ୍ର, ଉପର୍ଢୌକନ ଦେଇ ସମ୍ମାନିତ କରାଯାଇଛି। ତ୍ରିପାଠୀ ଘରୋଇ ବିଭାଗରେ ଜଣେ ପୋଲିସ କର୍ମଚାରୀ ରୂପେ କାର୍ଯ୍ୟ କରନ୍ତି। ଅବସର ସମୟରେ ସେ ବାସ୍ତୁଶାସ୍ତ୍ର, ଲାଲକିତାବ, ଗାଣିତିକ ଶାସ୍ତ୍ର, ଭୃଗନନ୍ଦି ନାଡି ଆଦି କ୍ଷେତ୍ରରେ ଗବେଷଣା କରନ୍ତି। ଏହି ସମ୍ମିଳନୀରେ ବିଶିଷ୍ଟ ଜ୍ୟୋତିଷ ବିଶାରଦ ଜେବି ବଶିଷ୍ଟ, ସୁଶୀଲ ଶର୍ମା ଅତିଥି ରୂପେ ଉପସ୍ଥିତ ଥିଲେ।

# କୁଲାଡ, ମୁଜାଗଡ଼ରେ ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଭଞ୍ଜନଗର,୧୨।୯(ବାବୁଲା ପ୍ରଧାନ): ଭଞ୍ଜନଗର ବ୍ଲକ କୁଲାଡ ଓ ମୁଜାଗଡରେ ଜୋନ୍‌ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଛି। ଏଠାରୁ ମନୋନୀତ ଛାତ୍ରୀଛାତ୍ରମାନେ ଶୁକ୍ରବାର ମୁଜାଗଡରେ ହେବାକୁ ଥିବା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବେ। କୁଲାଡ କବିସମ୍ରାଟ ବିଦ୍ୟାପୀଠରେ ହୋଇଥିବା ପ୍ରତିଯୋଗିତାକୁ ବିଇଓ ଏସ. ଧନଞ୍ଜୟ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଗୌରୀ ନନ୍ଦନ ହୋତା ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ କୁମୁଦ ଚନ୍ଦ୍ର ବାଡତ୍ୟା, ଆଯୋଧ୍ୟାନାଥ ସାହୁ, ଦିବାକର ପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଦ୍ୟୁମ୍ନ ମଲ୍ଲିକ, ଆଲୋକ ସ୍ୱାଇଁ ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ।



କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

ସେହିପରି ମୁଜାଗଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହୋଇଥିବା ପ୍ରତିଯୋଗିତାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ ଜେନା କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଅଧ୍ୟକ୍ଷା ବୈଜୟନ୍ତୀମାଳା ପ୍ରିୟଦର୍ଶିନୀ ସଭାରେ ସଭାପତିତ୍ୱ କରିଥିଲେ। ଏବିଇଓ ଗଜେନ୍ଦ୍ର ସେଠୀ, ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କେଦାରନାଥ ସେଠୀ, କାଳିଚରଣ ପରିଡା, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ରବୀନ୍ଦ୍ର ନାଥ ପାଳ, ପ୍ରଶାନ୍ତ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ୮ ଟି କ୍ଲଷ୍ଟରରୁ ୧୭୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସିଆରସିସି ମୋହନ ସାହୁ, ଦୁତିକୃଷ୍ଣ ଲେଙ୍କା, ବିଭୂପ୍ରସାଦ ମହାପାତ୍ର, ସୁଲଗ୍ନା ସୁଆର ଓ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଶାନ୍ତ ଦାସ, ମୋଚିରାମ ରଣସିଂହ, ସୁବାସ ଚନ୍ଦ୍ର ଗୌଡ଼ ଓ ପ୍ରବୀଣ ଖାଡ଼ଙ୍ଗା ପର୍ଯ୍ୟବେକ୍ଷକ ଥିଲେ।

# ହଷ୍ଟେଲରେ ଗୋମାଂସ ଭକ୍ଷଣ ନେଇ ଛାତ୍ର ଉତ୍ତେଜନା

ଗୋପାଳପୁର,୧୨।୯ (ନବୀନ ରାଜ ଆଚାରୀ): ଗଞ୍ଜାମ ଜିଲା ଶୀତଳାପଲ୍ଲୀ ସ୍ଥିତ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ହଷ୍ଟେଲ କୋଠରୀରେ କିଛି ସଂଖ୍ୟାଲଘୁ ଛାତ୍ର ଗୋମାଂସ ରାନ୍ଧି ଖାଇବା ସହ ଅନ୍ୟ ସମ୍ପ୍ରଦାୟର ଛାତ୍ରଙ୍କୁ ଖୁଆଇବା ଘଟଣା ନେଇ ଗୁରୁବାର କଲେଜ ପରିସରରେ ଉତ୍ତେଜନା ଦେଖାଦେଇଛି। ଭାଜପା ଓ ବଜରଙ୍ଗ ଦଳ ପକ୍ଷରୁ ଏହାର ପ୍ରତିବାଦ କରାଯାଇଛି। ଏହି ମହାବିଦ୍ୟାଳୟ ପରିସରରେ ଥିବା ଏକ ହଷ୍ଟେଲର କୋଠରୀରେ କେତେ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ର ଗୋମାଂସ ଆଣି ରାନ୍ଧି ଖାଇବା ସହ ଅନ୍ୟ ଏକ ହଷ୍ଟେଲରେ ଥିବା ଅନ୍ୟ ସମ୍ପ୍ରଦାୟର ଛାତ୍ରମାନଙ୍କୁ ସେମାନଙ୍କ ଅଜାଣତରେ ଖୁଆଇ ଦେଇଥିଲେ। ଏହା ଜଣାପଡିବା ପରେ ବୁଧବାର ରାତିରେ କେତେ ଜଣ ଛାତ୍ର ଉକ୍ତ ହଷ୍ଟେଲକୁ ଯାଇ ସେମାନଙ୍କୁ ପଚରାଉଚରା କରିଥିଲେ। ଏ ସମ୍ପର୍କରେ ହଷ୍ଟେଲ ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟ ରଘୁନନ୍ଦନ ସ୍ୱାଇଁଙ୍କୁ ଅବଗତ କରାଇଥିଲେ। ଗୁରୁବାର ସକାଳେ ମହାବିଦ୍ୟାଳୟ ପରିସରରେ ଏନେଇ ଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଘଟଣା ପ୍ରଘଟ ପରେ ବଜରଙ୍ଗ ଦଳର କିଛି କର୍ମୀ କଲେଜ ପରିସରରେ ପହଞ୍ଚି କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ଭେଟି ଏନେଇ ପଚାରି ଦୋଷୀ ଛାତ୍ରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ଦାବି କରିଥିଲେ। ଅଧ୍ୟକ୍ଷ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ସୁପରିଟେଣ୍ଡେଣ୍ଟ ଓ ଛାତ୍ରଙ୍କଠାରୁ ପାଇଥିବା ଅଭିଯୋଗକୁ ଭିତ୍ତିକରି ସନ୍ଧ୍ୟାରେ କଲେଜର ଶୃଙ୍ଖଳା କମିଟି ବୈଠକ ଡାକିଛି। ଘଟଣାର ତଦନ୍ତ କରାଯିବ। ଦୋଷୀ ସାବ୍ୟସ୍ତ ହେଲେ ସମ୍ପୃକ୍ତ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକ କଲେଜରେ ପହଞ୍ଚି ଏନେଇ ଅଧ୍ୟକ୍ଷ ମହାପାତ୍ର ଓ ଛାତ୍ରମାନଙ୍କ ସହ ଆଲୋଚନା କରିଛନ୍ତି।

# ୪ ପୋଖରୀ ପୁନରୁଦ୍ଧାର ଅର୍ଥ ହଡ଼ପ ଅଭିଯୋଗ

ପୋଲସରା,୧୨।୯ (ସୁବ୍ରତ ବେହେରା)

- ଖାଇଖତରେ ଥିବା ୨ ପୋଖରୀର ହୋଇଛି ପାହାଚ ନିର୍ମାଣ
- ଅଭିଯୋଗର ତଦନ୍ତ ହେବ: ବିଡିଓ

ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡ଼ି ପଞ୍ଚାୟତରେ ପୋଖରୀ ପୁନରୁଦ୍ଧାର ବାବଦରେ ଆସିଥିବା ଅନୁଦାନ ଅର୍ଥ ହଡପ କରି ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରୂପେ ପରିଚିତ ପଞ୍ଚାୟତର ଖଇଖତ ଗ୍ରାମରେ ଥିବା ଦୁଇଟି ବନ୍ଧକୁ କେବଳ ପାହାଚ ନିର୍ମାଣ କରି ଏବଂ ଆଉ ଦୁଇଟି ବନ୍ଧ ନ ଥାଇ ମଧ୍ୟ ବିଭିନ୍ନ ବନ୍ଧର ନାମର ଦେଇ କାଗଜ କଲମରେ କାର୍ଯ୍ୟକରି ଅର୍ଥ ଆତ୍ମସାତ କରାଯାଇଥିବା ଜଣାପଡିଛି। ଖବରରୁ ଜଣାପଡିଛି, ଖାଇଖତ ବନ୍ଧର ପୁନଃଉଦ୍ଧାର ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୫ଲକ୍ଷ ଟଙ୍କା ଆସିଥିଲା। ୪ ଲକ୍ଷ ୭୮ହଜାର ୬୮୬ ଟଙ୍କା ଉଠାଣ କରି କୌଣସି କାମ କରାଯାଇନାହିଁ। ସେହିପରି ଆର୍ଥିକ ବର୍ଷ ୨୦୨୦-୨୧ରେ ଦୁଇଟି ବନ୍ଧରେ କେବଳ ପାହାଚ ନିର୍ମାଣ କରି ଅର୍ଥ ହଡପ କରାଯାଇଥିବା ଅଭିଯୋଗ ହୋଇଛି। ଏଥିପାଇଁ କାଳୀ ମନ୍ଦିର ବନ୍ଧ ନାମରେ ୫ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ୨ଲକ୍ଷ ୧୮ହଜାର ୫୩୮ ଟଙ୍କା ଉଠାଣ କରାଯାଇଛି। ସେହିପରି କାନୁନ ବନ୍ଧ ନାମରେ ଆସିଥିବା ୩ଲକ୍ଷ ୯୯ହଜାର ୭୮୦ ଟଙ୍କାର ଅନୁଦାନକୁ ଆତ୍ମସାତ କରାଯାଇଛି। କେବଳ ସେତିକି ନୁହେଁ ବିନା ବୋର୍ଡରେ ପୋଖରୀ ନ ଥାଇ ଶବରସାହି ବନ୍ଧ ନାମରେ ଆସିଥିବା ୫ଲକ୍ଷରୁ ୨ଲକ୍ଷ ୧୫ହଜାର ୬୧୦ ଟଙ୍କାକୁ ସ୍ଥାନୀୟ ଜନପ୍ରତିନିଧି ଓ ସରକାରୀ କର୍ମଚାରୀମାନେ ମିଳିତ ଭାବେ ହଡପ କରିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଉକ୍ତ ପ୍ରକଳ୍ପଗୁଡ଼ିକରେ ହୋଇଥିବା ଦୁର୍ନୀତିର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୋଲସରା ବିଡିଓ କୁରେସ ଚନ୍ଦ୍ର ଜାନିଙ୍କୁ ପଚରିବାରୁ ଅଭିଯୋଗର ତଦନ୍ତ କରାଯିବ ବୋଲି ସେ କହିଥିଲେ।

# ୪ ଆନ୍ତରାଜ୍ୟ ପାଇପ୍ ଚୋର ଗିରଫ



ଫିରିଙ୍ଗିଆ/ଗୋଛାପଡା ,୧୨।୯(ବିମଳ ଦିଗାଲ/ରୋହିତ କହଁର): ପଶ୍ଚିମବଙ୍ଗରୁ ଆସି ଓଡ଼ିଶାରେ ପାଣିପାଇପ ଚୋରି କରି ଫେରାର ହୋଇ ଯାଉଥିବା ବେଳେ ପୋଲିସ ୪ଜଣ ଆନ୍ତରାଜ୍ୟ ଚୋର ଦଳକୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିରେ ସମ୍ପୃକ୍ତ ୩ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଯୁବକମାନେ ହେଲେ ପଶ୍ଚିମବଙ୍ଗ ମୁରସିଦାବାଦ ଅଞ୍ଚଳର ଟ୍ରକ ଡ୍ରାଇଭର ପାଲଟୁ ରଏ, ଏମ୍‌ଡି ନାକସ ଡୋଲି, ମାଇନୁର ହୁସେନ ଓ ଇସ୍ରା ଫଲ୍ ବୋଲି ଏକ ଖବରଦାତା ସମିଳନୀରେ ଏସ୍‌ଡିପିଓ ସୁପ୍ରସନ୍ନ ମଳିକ କହିଛନ୍ତି। ଗତ କିଛିମାସ ହେଲା ରାଜ୍ୟ ସରକାରଙ୍କ ଜଳ ଓ ପରିମଳ ବିଭାଗ ଅଧୀନରେ କନ୍ଧମାଳ ଜିଲାରେ ମେଗା ଜଳ ଯୋଗାଣ ପ୍ରକଳ୍ପ କାମ ଆରମ୍ଭ ହୋଇଛି । ଏହି କ୍ରମରେ ଜିଲାର ଫିରିଙ୍ଗିଆ ଓ ଗୋଛାପଡା ଅଞ୍ଚଳରେ ମଧ୍ୟ ଏହି କାମ ଆରମ୍ଭ ହୋଇଛି। ବିଭିନ୍ନ ଠିକା ସଂସ୍ଥା ଏହି କାର୍ଯ୍ୟ କରିବାକୁ ଦାୟିତ୍ୱ ନେଇଛନ୍ତି। ଗୋଛାପଡା ଥାନା ଅଧୀନ ବନ୍ଧୁଲି ଓ ଖଜୁରୀଗାଁ ନିକଟରେ କାମ ପାଇଁ ପାଣି ପାଇପ ରଖାଯାଇଥିଲା । ୧୧ ତାରିଖରେ ଏହି ପାଇପ ଚୋରି ହୋଇଯାଇଥିଲା। କାମ କରୁଥିବା ଠିକା ସଂସ୍ଥା ମ୍ୟାନେଜର ଏ ନେଇ ଗୋଛାପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ ୧୬୦/୨୪ରେ ମାମଲା ରୁଜୁ କରି ଥିଲା। ଥାନା ଅଧିକାରୀ ପ୍ରଭାତ ବେହେରାଙ୍କ ନେତୃତ୍ୱ ରେ ଏକ ଟିମ ଗଠନ କରାଯାଇଥିଲା । ପଶ୍ଚିମବଙ୍ଗ ନମ୍ବର ଥିବା ଏକ ଟ୍ରକରେ କିଛି ପାଣି ପାଇପ ଗୋଛାପଡାରୁ ବୌଦ୍ଧ ଜିଲା କଣ୍ଟାମାଳକୁ ସଂଯୋଗ କରୁଥିବା ରାସ୍ତାରେ ଯାଉଥିବା ପୋଲିସକୁ ସୂଚନା ମିଳିବା ପରେ ଏହି ଟିମ୍ ଉକ୍ତ ରାସ୍ତାର ସୁଟାଣି ଘାଟି ନିକଟରେ ଚଢ଼ାଉ କରି ଟ୍ରକ ଜବତ କରିଥିଲା। ପଚରାଉଚରା ପରେ ପୋଲିସ ଅନ୍ୟ ୪ ଅଭିଯୁକ୍ତଙ୍କୁ ଧରିଥିବା ଏସ୍‌ଡିପିଓ ମଳିକ ପ୍ରକାଶ କରିଛନ୍ତି।

## ସୁଭଦ୍ରା ଯୋଜନାରେ ୬୮୬୪୧ ପଞ୍ଜୀକରଣ: ଜିଲାପାଳ

ପାରଳାଖେମୁଣ୍ଡି,୧୨।୯(ଗିରିଧାରୀ ପରିଛା): ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା 'ସୁଭଦ୍ରା' ସମ୍ପର୍କରେ ଗୁରୁବାର ଜିଲାପାଳ ବିଜୟ କୁମାର ଦାଶ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସେ କହିଥିଲେ, ଆଜି ସୁଦ୍ଧା ଗଜପତି ଜିଲାରେ ୬୮୬୪୧ରୁ ଊର୍ଦ୍ଧ୍ୱ ମହିଳା ପଞ୍ଜୀକରଣ କରିସାରିଛନ୍ତି। ଜିଲାର ସମସ୍ତ ହିତାଧିକାରୀ ମହିଳାମାନେ ଯେପରି ଏହି ଯୋଜନାରେ ସାମିଲ ହୋଇପାରିବେ ସେ ନେଇ ସଚେତନତା କରାଯାଉଛି। ବର୍ତ୍ତମାନ ଇ-କେଓ୍ୱାଇସିକୁ ଉଠାଇ ଦିଆଯାଇଛି। ଓଟିପି,ବାଇମେଟ୍ରିକର ଆବଶ୍ୟକ ନାହିଁ। କୌଣସି ଜନସେବା କେନ୍ଦ୍ର କିମ୍ବା ମୋ ସେବାକେନ୍ଦ୍ରଗୁଡିକରେ ଭିଡ ନ କରିବା ଲାଗି ଜିଲାପାଳ କହିଛନ୍ତି।

# ଜଙ୍ଗଲ ଅଧିକାର ସୁରକ୍ଷା ପାଇଁ ସଚେତନତା ବୈଠକ



ଦାରିଙ୍ଗବାଡି,୧୨।୯(ଅରୁଣ ସାହୁ) ଚାଷୀ ମୂଳିଆ ସୁରକ୍ଷା ସମିତି(କନ୍ଧମାଳ) ଆହ୍ୱାନରେ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ୮ ଗ୍ରାମପଞ୍ଚାୟତର ନେତୃବୃନ୍ଦମାନଙ୍କୁ ନେଇ ଏକ ଜନ ସଚେତନତା ବୈଠକ ଆୟୋଜିତ ହୋଇଯାଇଛି । ଚାଷୀ ମୂଳିଆ ସୁରକ୍ଷା ସମିତିର ନେତା ବଳଭଦ୍ର ମଳିକଙ୍କ ସଂଯୋଜନା ଓ ସାମୁଏଲ ମାଝୀଙ୍କ ସଭାପତିତ୍ୱରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଭିଟାମାଟି ସୁରକ୍ଷା ସଂଗଠନର ଉପଦେଷ୍ଟା ତଥା କୃଷକ ନେତା ବିଜୟ ସ୍ୱାଇଁ, ଚାଷୀ ମୂଳିଆ ସୁରକ୍ଷା ସମିତି, କନ୍ଧମାଳର ଉପଦେଷ୍ଟା ନରେନ୍ଦ୍ର ମହାନ୍ତି, ସଦସ୍ୟ କୈଳାସ ସୁନ୍ଦ୍ରାମାଝୀ, ଗଣେଶ୍ୱର ପ୍ରଧାନ, ରବିଚନ୍ଦ୍ର ପ୍ରଧାନ, ଡ୍ରିମ୍ବି କାର୍ଯୀ, ଗାନ୍ଧାରା କାର୍ଯୀମାଝୀ, ଉତ୍ତମ ପତ୍ରା, କାମଦେବ ମଳିକ ଉପସ୍ଥିତ ଥିଲେ। ବୈଠକରେ ବିଶେଷକରି ଜଙ୍ଗଲ ଅଧିକାର, ଜଙ୍ଗଲ ସୁରକ୍ଷା, ପରିଚାଳନା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ରାଜ୍ୟ ସ୍ତରୀୟ ନେତୃବୃନ୍ଦମାନେ ଆଲୋଚନା କରିଥିଲେ। ସରକାର ଓ ଅମଲାତନ୍ତ୍ର ଆମକୁ ଆମ ଅଧିକାର ନ ଦେବା ପାଇଁ ଚକ୍ରାନ୍ତ କରୁଥିବା ବେଳେ ପୁଞ୍ଜିପତି ଓ କମ୍ପାନୀମାନେ ଆମ ଜମି ଓ ଜଙ୍ଗଲ ହାତେଇବାକୁ ସରକାରଙ୍କ ସହିତ ବୁଝାମଣା କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ରାସାୟନିକ ସାର ଓ ବିଷ ପରିତ୍ୟାଗ କରି କିପରି ଜୈବିକ ପ୍ରଣାଳୀରେ ଚାଷ କରିବା, ନିଜେ ସୁସ୍ଥ ରହିବା ଓ ଅନ୍ୟକୁ ସୁସ୍ଥ ରଖିବା, ଭବିଷ୍ୟତ ବଂଶଧରଙ୍କ ପାଇଁ କିପରି ଉପଯୁକ୍ତ ଭାବରେ ଜଳ-ଜମି ଓ ଜଙ୍ଗଲର ଅଧିକାର ସୁରକ୍ଷିତ ରଖିବାକୁ ସଚେତନ କରାଯାଇଥିଲା।

